## ରେଳ ଷ୍ଟେଶନରୁ ୫୬ ଦାଦନ ଶ୍ରମିକ ଉଦ୍ଧାର

**କଣ୍ଟାବାଞ୍ଜି:** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳ ଷ୍ଟେଶନରୁ ଚାଲାଣ ବେଳେ ଶୁକ୍ରବାର ରାତିରେ ସ୍ଥାନୀୟ ପୋଲିସ ୫୬ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି । ଇଟା ଗଢିବା ପାଇଁ ସେମାନେ ଅନ୍ୟ ରାଜ୍ୟକୁ ଯାଉଥିଲେ । କଣ୍ଟାବାଞ୍ଜି ଥାନା ଆଇଆଇସି ସତ୍ୟଜିତ କନ୍ଦନକେଲଙ୍କ ନେତୃତ୍ୱରେ ଏକ ଟିମ୍ ଚଢାଉ କରି ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ । ତେବେ ଚଢାଉ ବେଳେ ଦାଦନ ସର୍ଦ୍ଦାର ଖସି ପଳାଇ ଯାଇଛନ୍ତି ।

# ଜିଏମ୍ୟୁରେ ଜରାତତ୍ତ୍ୱ ପାଠ୍ୟକ୍ରମ

**ସମ୍ବଲପୁର, ୧୫।୧୧ (ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଆସନ୍ତା ଶିକ୍ଷା ବର୍ଷରୁ ନୂତନ ଭାବେ ଜରାତତ୍ତ୍ୱ ଓ ବାର୍ଦ୍ଧକ୍ୟ ସମ୍ବନ୍ଧୀୟ ପାଠ୍ୟକ୍ରମ ଆରମ୍ଭ ହେବ । ଶନିବାର ବିଧିବଦ୍ଧ ଭାବେ ଏକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଛି । ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ଅତନୁ ପତି ଓ ଉପକୁଳସଚିବ ଉମା ଚରଣ ପତି ଉପସ୍ଥିତ ଥିଲେ । ଏଭଳି ପାଠ୍ୟକ୍ରମ ହାତକୁ ନେବାରେ ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଜିଏମ୍ୟୁ ସ୍ଥାନ ପାଇଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏହି ପାଠ୍ୟକ୍ରମରେ ରାଜ୍ୟର ସମସ୍ତ ଜିଲା ସହିତ ଯୋଗାଯୋଗ କରି ବୃଦ୍ଧମାନଙ୍କ ସଂଖ୍ୟା ଗଣତି କରାଯିବ । ଏଥିରେ ୧୨ଟି ବିଭାଗର ସହଯୋଗ ରହିବ ଏବଂ ୧ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟ କରାଯିବ ବୋଲି ଜଣାପଡିଛି । ଏହି ପାଠ୍ୟକ୍ରମରେ ବାର୍ଦ୍ଧକ୍ୟ ଜନିତ ସମସ୍ୟା ଉପରେ ସର୍ଭେ କରାଯାଇ



ଜରାତତ୍ତ୍ୱ ପାଠ୍ୟକ୍ରମ ଉଦ୍‌ଘାଟନୀ ଉତ୍ସବରେ କୁଳପତି ଓ ଉପ କୁଳସଚିବ ।

**ରାଜ୍ୟରେ ପ୍ରଥମ ବିଶ୍ୱବିଦ୍ୟାଳୟ**

ରିପୋର୍ଟ ପ୍ରସ୍ତୁତ କରାଯିବ । ତାଙ୍କ ପରିବାର, ସାମାଜିକ ସ୍ଥିତି, ସରକାରୀ ସୁବିଧା, ମାନସିକ ଚାପ, ସ୍ୱାସ୍ଥ୍ୟଗତ ସମସ୍ୟା ଓ ଏହାର କାରଣ, କିଭଳି ସେମାନେ ଖୁସି ରହିବେ, ଆର୍ଥିକ ସ୍ଥିତି ଦିଗରେ ରିପୋର୍ଟ ସଂଗ୍ରହ କରାଯାଇ ସରକାରଙ୍କ ପାଖରେ ଦାଖଲ କରାଯିବ । ଫଳରେ ସରକାରୀ କ୍ଷେତ୍ରରେ ସେମାନଙ୍କ ପାଇଁ ଯୋଜନା ସହ ସମସ୍ୟାର ସମାଧାନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବାରେ ସୁବିଧା ହେବ । ଉପ କୁଳସଚିବ ଡ. ପତି କହିଛନ୍ତି ଯେ, ଦିନକୁ ଦିନ ବୃଦ୍ଧଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏକ ରିପୋର୍ଟ ଅନୁସାରେ, ୧୯୫୧ ମସିହାରେ ଦେଶରେ ମୃତ୍ୟୁବରଣ ବୟସ ସୀମା ୩୨ବର୍ଷ ରହିଥିଲା । ଏବେ ହାରାହାରି ୬୮ରେ ପହଞ୍ଚିଛି । ୨୦୧୧ ମସିହା ଜନଗଣନା ଅନୁସାରେ ଦେଶର ମୋଟ ଜନସଂଖ୍ୟାର ୬ ପ୍ରତିଶତ ବୃଦ୍ଧ ରହିଥିଲେ । ଯାହା ଏବେ ପ୍ରାୟ ୧୦ ପ୍ରତିଶତରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି । ୨୦୫୦ ମସିହା ବେଳକୁ ଏହି ସଂଖ୍ୟା ଅଧିକ ହୋଇଯିବ । ଯାହା ବର୍ତ୍ତମାନ ଚିନ୍ତାର ବିଷୟ ହୋଇଛି । ତେଣୁ ଏ ଦିଗରେ ପଦକ୍ଷେପ ନେଇ ଶିକ୍ଷାଦାନ ଯୋଜନା କରାଯାଇଛି । ସ୍ନାତକଧାରୀ ଛାତ୍ରୀଛାତ୍ର ଏହି ପାଠ୍ୟକ୍ରମରେ ସାମିଲ ହୋଇପାରିବେ । ପାଠ ପଢ଼ିବା ପରେ ସେମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ଓ କୌଣସି ବୃଦ୍ଧାଶ୍ରମରେ କାର୍ଯ୍ୟ କରିବାରେ ସୁବିଧା ହେବ ।

ସୂଚନାଯୋଗ୍ୟ, ଏହି ପାଠ୍ୟକ୍ରମ ପାଇଁ ବିଶ୍ୱବ୍ୟାଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସହାୟତାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ମଞ୍ଜୁର ହୋଇଥିବା ୧୩ କୋଟି ଟଙ୍କାରୁ ୧କୋଟି ୩୦ଲକ୍ଷ ଟଙ୍କା ଏହି ପାଠ୍ୟକ୍ରମ ପାଇଁ ବ୍ୟୟ ବରାଦ କରାଯାଇଛି ।

## ବାପାଙ୍କୁ କଚାଡ଼ି ମାରିଲେ ପୁଅ

**ସରଣ୍ଡା, ୧୫।୧୧**

ବରଗଡ଼ ଜିଲା ଅତାବିରା ଥାନା ଅଧୀନ ପାହାଡ଼ଶ୍ରୀଗିଡ଼ା ଗ୍ରାମରେ ଶୁକ୍ରବାର ରାତ୍ରିରେ ନିଜ ବୃଦ୍ଧ ବାପାଙ୍କୁ ସାନପୁଅ ହତ୍ୟା କରିଛନ୍ତି । ମୃତକ ହେଲେ ବରଗଡ଼ ଟାଉନ ଥାନା ବରଡ଼ୋଲ ଗ୍ରାମର ସୌକିଲାଲ ସେଠ(୫୮) । ବରଗଡ଼ ଡାକ୍ତରଖାନାରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି । ସେହିପରି ପୋଲିସ ଅଭିଯୁକ୍ତ ପୁଅ ପ୍ରଦୀପ ସେଠ(୩୭) ଓ ତାଙ୍କ ସାଙ୍ଗ ବିକ୍ରମ ପ୍ରଧାନ(୩୨)ଙ୍କୁ ଗିରଫ କରିଛି । ଏ ନେଇ ଅତାବିରା ଥାନାରେ ଏକ ହତ୍ୟା ମାମଲା (ନଂ.୨୭୧/୨୦) ରୁଜୁ ହୋଇଛି ।

ସୂଚନା ଅନୁଯାୟୀ, ଶୁକ୍ରବାର ପ୍ରଦୀପ ଏବଂ ବିକ୍ରମ ଏକ ବାଇକ୍ ଯୋଗେ ସୌକିଲାଲଙ୍କୁ ଧରି ପାହାଡ଼ଶ୍ରୀଗିଡ଼ାକୁ ଆସିଥିଲେ । ସେମାନେ ଉକ୍ତ ଗ୍ରାମର ତାଙ୍କ ସମ୍ପର୍କୀୟ ପିତାମ୍ବର ସେଠଙ୍କ ଘରକୁ ପହଞ୍ଚିବା ପରେ ସେଠାରେ ସୌକିଲାଲଙ୍କୁ ତଳେ କଚାଡ଼ି ଦେଇଥିଲେ । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ଏତଲା ପାଇବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

## ବିର୍ସା ମୁଣ୍ଡା ଜୟନ୍ତୀରେ ଗଣବିବାହ


ଅତିଥିଙ୍କ ଗହଣରେ ନବଦମ୍ପତି ।

**ବରଗଡ଼ ଅଫିସ୍, ୧୫।୧୧**

ବରଗଡ଼ର ବିର୍ସାମୁଣ୍ଡା ସଂଘର୍ଷ ବାହିନୀ ପକ୍ଷରୁ ରବିବାର ସ୍ଥାନୀୟ ମୁଣ୍ଡାପଡ଼ାରେ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ଆଦିବାସୀ ନୃତ୍ୟ, ପାରମ୍ପରିକ ନାଚଗୀତ ପରିବେଷଣ ସହିତ ଆଦର୍ଶ ଗଣବିବାହ ଅନୁଷ୍ଠିତ ହୋଇଥିଲା । ଏଥିରେ ସୋନପୁର ଜିଲାରୁ ଆସିଥିବା ପଲ୍ଲବୀଙ୍କ ସହିତ ମଣ୍ଟୁ ଏବଂ ସୁରେଶଙ୍କ ସହିତ ବିଳାସିନୀ ପରସ୍ପର ଫୁଲମାଳା ବିନିମୟରେ ବିବାହ କରିଥିଲେ । ଉପସ୍ଥିତ ଜନତା ନବଦମ୍ପତିମାନଙ୍କୁ ଶୁଭାଶୀର୍ବାଦ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଭୀମ ଆର୍ମିର ଲଙ୍କେଶ ରାବଣ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ମେରିୟମ ବାର୍ଲା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାବିତ୍ରୀ ବାଇ ଫୁଲେ ସଙ୍ଗଠନ ଓ ସମ୍ବିଧାନ ସୁରକ୍ଷା ମଞ୍ଚର କର୍ମକର୍ତ୍ତା, ପବିତ୍ର ଦେହେରୀ, ଖୁସନୁମା ବେଗମ, ରମେଶ ମହାପାତ୍ର, ଅମିତାଭ ପାତ୍ର, ଭବାନୀ ସାହୁ, ବାସମତୀ ବନଛୋର, ଶିବାନନ୍ଦ ମଟାରୀ, ଅଲିମ ରିଜଭି, ଶକୁନ୍ତଳା ସୁନା, ଟିକେଶ୍ୱରୀ ଛତର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ସଂକ୍ଷେପରେ

### ନିଆଁ ଲାଗି ବେକେରି ଦୋକାନ ଜଳିଗଲା

**କୁଆଁରମୁଣ୍ଡା, ୧୫।୧୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ତହସିଲ ବଜାରରେ ଥିବା ଗୋଟିଏ ବେକେରି ଦୋକାନରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଯୋଗୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି । ଖବର ପାଇ ଶନିବାର ଭୋର ସମୟରେ ବେକେରି ଦୋକାନୀ ବାବୁନି ପଣ୍ଡା ଘଟଣାସ୍ଥଳକୁ ଆସି ତାଙ୍କ ଦୋକାନ ଜଳୁଥିବା ଦେଖିବାକୁ ପାଇଥିଲେ ଏବଂ କୁଆଁରମୁଣ୍ଡ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀମାନେ ସେଠାରେ ପହଞ୍ଚି ନିଆଁକୁ ଲିଭାଇଥିଲେ । ପୂର୍ବ ଶତ୍ରୁତାକୁ ନେଇ ତାଙ୍କ କୁଆଁରମୁଣ୍ଡା ଅଞ୍ଚଳର କେତେକ ଯୁବକ ତାଙ୍କ ଦୋକାନରେ ନିଆଁ ଲଗାଇ ଦେଇଥିବା ବାବୁନି ଅଭିଯୋଗ କରିଛନ୍ତି । ଏହି ଘଟଣାରେ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ରବିବାର ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ।

### ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ବରପାଲି, ୧୫।୧୧ (ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି-ବରଗଡ ୨୬ ନଂ. ରାଜପଥର ରାଇସ୍ ମିଲ୍ ନିକଟରେ ରବିବାର ଏକ ଟ୍ରକ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତକ ହେଲେ କଟକ ଜିଲା ଗୋବିନ୍ଦପୁର ଅଞ୍ଚଳର ସନ୍ତୋଷ ଭୋଇ (୨୧) । ଏହି ଦୁର୍ଘଟଣାରେ ଅନ୍ୟ ଜଣେ ବିଶ୍ୱଜିତ ଭୋଇ (୨୫) ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁସାରେ, ସନ୍ତୋଷ ଓ ବିଶ୍ୱଜିତ ରବିବାର ସକାଳେ ଏକ ବାଇକ୍ (ନଂ.ସିଜି୧୦ଏ/୮୬୦୯) ଯୋଗେ ବଲାଙ୍ଗୀରରୁ ବରଗଡ ଯାଉଥିବା ବେଳେ ସିମେଣ୍ଟ ବୋଝେଇ ଟ୍ରକ୍ (ନଂ. ଓଡି୧୫ଏଚ/୫୯୪୬) ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ସେମାନେ କିଛି ଦୂରକୁ ଛିଟିକି ପଡିଥିଲେ । ପୋଲିସ ସେଠାକୁ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ବରପାଲି ଥାନାରେ ଏକ ମାମଲା (ନଂ.୨୩୦/୨୦) ରୁଜୁ ହୋଇଛି ।

### ଏଟିଏମ୍‌ରୁ ଟଙ୍କା ଲୁଟ୍, ଧରାପଡିଲା ଲୁଟେରା

**ଜୁନାଗଡ, ୧୫।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରର ଏକ ଏଟିଏମ୍‌ରୁ ଟଙ୍କା ଲୁଟ୍ ବେଳେ ସ୍ଥାନୀୟ ପୋଲିସ ହାତରେ ଧରାପଡିଛି ଲୁଟେରା । ଲୁଟେରା ନିକଟରୁ ଏକ ପଲସର ବାଇକ୍, ନଗଦ ୬୭ ହଜାର ୨ଶହ ଟଙ୍କା, ୭ଟି ବିଭିନ୍ନ ବ୍ୟାଙ୍କର ଏଟିଏମ କାର୍ଡ, ୩ଟି ଏଟିଏମ୍ ଟଙ୍କା ଉଠାଣ ସ୍ଲିପ ଓ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଛି । ଏସ୍‌ପି ମନା କରିଥିବା ଦର୍ଶାଇ ଲୁଟେରାଙ୍କ ନାମ ଜୁନାଗଡ ପୋଲିସ ପ୍ରକାଶ କରି ନାହିଁ । ଲୁଟେରା ଜଣକ ଅନେକ ସମୟରେ ଗରିବ ଓ ନିରୀହ ଲୋକଙ୍କ ଏଟିଏମ କାର୍ଡ ଓ ପିନ ନମ୍ବର କୌଶଳ କ୍ରମେ ହାତେଇ ନେଉଥିଲେ । ପରବର୍ତ୍ତୀ ସମୟରେ ଅନ୍ୟ ଏକ ଏଟିଏମକୁ ଯାଇ ଟଙ୍କା ଉଠାଣ କରୁଥିଲା । ଏ ନେଇ ଜୁନାଗଡ ଥାନାରେ ଏକ ମାମଲା (ନଂ. ୩୦୭/୨୦) ରୁଜୁ କରି ପୋଲିସ ଲୁଟେରାଙ୍କୁ ଶନିବାର କୋର୍ଟ ଚାଲାଣ କରିଛି ।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

**କେଗାଁ, ୧୫।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଚିଚିଆ ଗ୍ରାମପଞ୍ଚାୟତ ଲାକୁରଭଟା ଗ୍ରାମରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିବା ଜଣାପଡିଛି । ଗ୍ରାମର ଗୋବିନ୍ଦ ଭାଟି (୫୦) ଓ ସିତାଲୁ ଲହଜଲ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରର ଛାତ ପକାଇବା ପାଇଁ ଲୁହା ରଡ୍ ବନ୍ଧୁଥିଲେ । ଏହି ସମୟରେ ପାଖରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ । ଦୁଇ ଜଣ ତଳେ ପଡିଯାଇଥିଲେ । ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ ଡାକ୍ତର ଗୋବିନ୍ଦଙ୍କୁ ମୃତ ଘୋଷଣା କରିଥିଲେ । ଏ ସଂକ୍ରାନ୍ତରେ ଗୋଲାମୁଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୦/୨୦) ରୁଜୁ ହୋଇଛି । ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଦଶପୁର ଫାଣ୍ଡି ଅଧିକାରୀ ଚନ୍ଦ୍ରହାସ୍ୟ ସାହୁ ସୂଚନା ଦେଇଛନ୍ତି ।

## ନିରାଡମ୍ବର ଭାବେ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

**ସମ୍ବଲପୁର, ୧୫।୧୧ (ବ୍ୟୁରୋ)**

ସ୍ୱାଧୀନତା ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ୧୪୫ତମ ଜୟନ୍ତୀ ନିରାଡମ୍ବରଭାବେ ପାଳିତ ହୋଇଯାଇଛି । ପରମ୍ପରା ଓ ପୂଜ୍ୟ ପୂଜାକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜନୈତିକ ଦଳ, ସାମାଜିକ ଅନୁଷ୍ଠାନ, ଆଦିବାସୀ ଅନୁଷ୍ଠାନ ଓ ଆଦିବାସୀ ମହିଳା, ପୁରୁଷ ପର୍ଯ୍ୟାୟକ୍ରମେ ଅଇଁଠାପାଲି ବିର୍ସା ମୁଣ୍ଡା ଛକସ୍ଥିତ ପ୍ରତିମୂର୍ତ୍ତିରେ ଗଙ୍ଗା ଜଳ ଓ କ୍ଷୀରାଭିଷେକ କରିଥିଲେ । ଏହାପରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଜୟଗାନ କରାଯାଇଥିଲା । ସକାଳେ ସରକାରୀ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ସମର୍ଥକଙ୍କ ଗହଣରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଶ୍ରମିକ ନେତା ଗୋକୁଳ ମେହେର, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ସତିଶ ବିଶି, ମହାନଗର ସଭାପତି ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ । ସେହିପରି ରାଜ୍ୟ ଆଦିବାସୀ ଦଳିତ ସେନାର ସଭାପତି ପ୍ରଶାନ୍ତ ହାଓ, କାର୍ଯ୍ୟକାରୀ ସଭାପତି ଥୋମାଶ ମିଞ୍ଜ, ଉପସଭାପତି ସୁବେଶ ମୁଣ୍ଡା, ସାଧାରଣ ସମ୍ପାଦକ ଶ୍ୟାମ ସୁନ୍ଦର ମୁଣ୍ଡାଙ୍କ ସମେତ ସହରର ବିଭିନ୍ନ ଅଞ୍ଚଳର ଆଦିବାସୀ ସଂଗଠନର କର୍ମକର୍ତ୍ତା ଓ ସଭ୍ୟମାନେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ଅର୍ପଣ କରି ପ୍ରଣିପାତ କରିଥିଲେ । ଭାଜପା ପକ୍ଷରୁ ମଧ୍ୟ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଭାଜପା ଜିଲା ସଭାପତି ଗିରିଶ ପଟେଲ, ଜୟରାମ ମୁଣ୍ଡା, ବାହାଦୁର ମୁଣ୍ଡା, ଦେବରାଜ ଭୂମିକ, ସଞ୍ଜୟ ବାଗ, ଭାଜପା ଜିଲା ସାଧାରଣ ସମ୍ପାଦକ ଅନୀଲ ବେହେରା, ବିର୍ସା ମୁଣ୍ଡା ମଣ୍ଡଳ ସଭାପତି ଗିରିଜା ସାହୁ, ସାକ୍ଷୀ ଗୋପିନାଥ ମଣ୍ଡଳ ସଭାପତି ସରୋଜ ଗଡେଇ, ଅଶ୍ୱିନୀ ମାଝୀ, ମାନସ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ । ବାମସେଫ୍ ଓ ବହୁଜନ ସମାଜ ପାର୍ଟି ପକ୍ଷରୁ ଜୋନ ସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ କାର୍ଯ୍ୟକ୍ରମ ହୋଇଥିଲା । ନିହାଲ ସିଂ ମୁଖ୍ୟଅତିଥି, ଡ. ଜ୍ୟୋତ୍ସ୍ନା ପ୍ରଧାନ ମୁଖ୍ୟବକ୍ତା, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ସମ୍ମାନୀତ ଅତିଥି ଓ ପ୍ରମୋଦ କୁମାର ସାହୁ ସମ୍ମାନୀତ ବକ୍ତାଭାବେ ଯୋଗଦେଇଥିଲେ ।


ସମ୍ବଲପୁର ବିର୍ସା ମୁଣ୍ଡା ଛକସ୍ଥିତ ପ୍ରତିମୂର୍ତ୍ତିରେ କ୍ଷୀରାଭିଷେକ କରାଯାଉଛି ।

## ମଞ୍ଚ ଅଭିନେତା କୃଷ୍ଣଚନ୍ଦ୍ରଙ୍କ ପରଲୋକ

**ସମ୍ବଲପୁର, ୧୫।୧୧ (ବ୍ୟୁରୋ)**

ମଞ୍ଚ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ବରଗଡ ସହର ସ୍ଥିତ ବାସଭବନରେ ଶନିବାର ରାତିରେ ପରଲୋକ ହୋଇଯାଇଛି । ତାଙ୍କୁ ୬୬ ବର୍ଷ ବୟସ ହୋଇଥିଲା । ତାଙ୍କ ବିୟୋଗରେ ପଶ୍ଚିମ ଓଡିଶାରେ ଶୋକର ଛାୟା ଖେଳି ଯାଇଛି । ଏହି ଅବସରରେ ସମ୍ବଲପୁର ଧନୁପାଲି ସ୍ଥିତ କଖଗ ନାଟ୍ୟ ଅନୁଷ୍ଠାନ ସଭାକକ୍ଷ ଏବଂ ଝାଡୁଆପଡା ଯୁବ ଉଦୟନ କାର୍ଯ୍ୟାଳୟରେ ଶୋକସଭା ହୋଇଥିଲା । ସୂଚନାଯୋଗ୍ୟ, ପିଲାବେଳୁ ଅଭିନୟ ପ୍ରତି ଆକୃଷ୍ଟ ହୋଇ କୃଷ୍ଣଚନ୍ଦ୍ର ଶତାଧିକ ମଞ୍ଚ ନାଟକରେ ସଫଳତାର ସହ ଅଭିନୟ କରିଥିଲେ । ସେ ଦୂରଦର୍ଶନ ଓ ଆକାଶବାଣୀରେ ମଧ୍ୟ ଅନେକ



ନାଟକରେ ତାଙ୍କ ଅଭିନୟର ଛାପ ଛାଡି ଯାଇଛନ୍ତି । ବରଗଡ ମୂଳବାସିନ୍ଦା ହୋଇଥିଲେ ମଧ୍ୟ କୃଷ୍ଣଚନ୍ଦ୍ର ପଞ୍ଚମ ଶ୍ରେଣୀରୁ ଝାରସୁଗୁଡା ପୁରୁଣା ବସ୍ତି ଫ୍ରେଣ୍ଡ୍ସ ଆସୋସିଏଶନ ମଞ୍ଚସ୍ଥ ଦୂର ପାହାଡ ନାଟକରେ ଅଭିନୟ କରିଥିଲେ । ଏହାପରେ ସେ ୧୯୮୦ରୁ ୧୯୯୨ ମସିହା ପର୍ଯ୍ୟନ୍ତ ବରଗଡ ସୌଖିନ କଳାକାର ସହ ସଂଶ୍ଳିଷ୍ଟ ଥିଲେ । ୧୯୯୩ ମସିହାରୁ ଅଦ୍ୟାବଧି ସମ୍ବଲପୁର କଖଗ ନାଟ୍ୟନୁଷ୍ଠାନ ସହ ପ୍ରତ୍ୟକ୍ଷ ଭାବେ ଜଡିତ ଥିଲେ । ୨୦୧୯ ମସିହାରେ ତାଙ୍କ ମଞ୍ଚସ୍ଥ ଶେଷ ନାଟକ 'ଏକଲବ୍ୟ' ଥିଲା । ଦୀର୍ଘ ୫୮ ବର୍ଷ ମଞ୍ଚ ନାଟକରେ ଅଭିନୟ କରି କୃଷ୍ଣଚନ୍ଦ୍ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ତାଙ୍କ ଅଭିନୀତ ନାଟକ ମଧ୍ୟରେ ଯନ୍ତ୍ରଣାର ସ୍ୱର, କାଳ ପୁରୁଷ, ଦ୍ୱିତୀୟ ମୃତ୍ୟୁ, କାଚ ଘର, ମୃଗୟା, ବୁଲା କୁକୁରର ଜନ୍ମ କୃତାନ୍ତ, ଉତ୍ତର ପୁରୁଷ ପ୍ରମୁଖ ଅନ୍ୟତମ । ଏତଦ୍‌ବ୍ୟତୀତ କେତୋଟି ସମ୍ବଲପୁରୀ ଆଲବମ୍‌ରେ ମଧ୍ୟ ସେ ଅଭିନୟ କରିଥିଲେ ।

## ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଅତାବିରା, ୧୫।୧୧ (ଡି.ଏନ.ଏ)**

ବରଗଡ଼ର ଜିଲା ଅତାବିରା ଥାନା ସୀମାନ୍ତ ବୁର୍ଲା ଥାନା ଗୋଶାଳା ଫାଣ୍ଡି ଅନ୍ତର୍ଗତ ଅନ୍ଧାରୀପତ୍ରା ନିକଟ ଏକ ଫାର୍ମ ପରିସରରୁ ରବିବାର ଜଣେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ଗୋଡ଼ଭଗା ନିକଟ ଗୋଲକନଗର ନିବାସୀ ଟୁକୁ ବେହେରା(୩୦) । ପାରିପାର୍ଶ୍ୱିକ ସ୍ଥିତିରୁ ତାହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି । ବୁର୍ଲା ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୪୩/୨୦) ରୁଜୁ ହୋଇଛି ।

ପ୍ରକାଶ ଯେ, ଗତ ୫ତାରିଖରୁ ଟୁକୁ ନିଖୋଜ ଥିଲେ । ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ । ଫଳରେ ଟୁକୁଙ୍କ ବଡ଼ଭାଇ ସୁଶାନ୍ତ ଏ ସମ୍ପର୍କରେ ଗତ ୧୨ତାରିଖରେ ଗୋଡ଼ଭଗା ଫାଣ୍ଡି ପୋଲିସକୁ ଜଣାଇଥିଲେ । ତେବେ ଅନ୍ଧାରୀପତ୍ରା ନିକଟ ଫାର୍ମରୁ ଦୁର୍ଗନ୍ଧ ଆସୁଥିବାରୁ ସ୍ଥାନୀୟ ଲୋକେ ସେଠାକୁ ଯାଇଥିଲେ ଏବଂ ମୃତଦେହ ପଡ଼ିଥିବା ଜାଣିବାକୁ ପାଇଥିଲେ । ଖବର ପାଇ ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳକୁ ଆସି ମୃତଦେହ ଚିହ୍ନଟ କରିଥିଲେ । ମୃତଦେହ ଉପରେ ମୋବିଲ୍ ଭଳି କିଛି ତରଳ ପଦାର୍ଥ ଢ଼ଳା ଯାଇଥିବାବେଳେ ଶରୀରରେ କ୍ଷତ ଚିହ୍ନ ଥିବାରୁ କେହି ଟୁକୁଙ୍କୁ ହତ୍ୟା କରି ଖସିଯିବାକୁ ଉଦ୍ୟମ କରିଥିବା ଅନୁମାନ କରାଯାଉଛି । ଅନୁସନ୍ଧାନୀ କୁକୁର ସହିତ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଦେହରେ ନିଆଁ ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଅମରପାଲି, ୧୫।୧୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଭାଲୁଡୁଙ୍ଗୁରି ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ଯୁବକ ଘରେ ଏକୁଟିଆ ଥିବା ବେଳେ ଦେହରେ କିରୋସିନୀ ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ ଭାଲୁଡୁଙ୍ଗୁରି ଗ୍ରାମର ଛବିଳ ପଧାନଙ୍କ ୨୫ ବର୍ଷୀୟ ପୁଅ ତପନ । ପ୍ରକାଶ ଯେ, ଶନିବାର ସକାଳେ ତପନଙ୍କ ଚିତ୍କାର ଶୁଣି ପଡୋଶୀ ଘର ଲୋକ ଦୌଡ ଯାଇଥିଲେ । ହେଲେ ସେତେବେଳକୁ ତାଙ୍କ ଦେହର ୮୦ ପ୍ରତିଶତ ପୋଡି ଯାଇଥିଲା । ତାଙ୍କୁ ବୀରମହାରାଜପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତର ବୁର୍ଲା ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏ ନେଇ ସୋନପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ହାତୀ ଆତଙ୍କ: ବ୍ୟାପକ ଫସଲ ନଷ୍ଟ

**କେସିଙ୍ଗା, ୧୫।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଗିଗିନା ଗ୍ରାମ ପଞ୍ଚାୟତ ଅଧୀନ ଶ୍ରୀପୁର ଗ୍ରାମ ନିକଟ ସାନ୍ଦୁଲ ନଦୀ କୂଳରେ ଥିବା ନୀଳଗିରି ଜଙ୍ଗଲକୁ ଶନିବାର ରାତିରେ ଦୁଇଟି ହାତୀ ଆସି ରହିଥିବା ସ୍ଥାନୀୟ ଲୋକେ ରବିବାର ସକାଳେ ଦେଖିବାକୁ ପାଇଥିଲେ ।

ନଦୀ କୂଳରେ ଥିବା ଉପେନ୍ଦ୍ର ଭୋଇଙ୍କ ନୀଳଗିରୀ ଗଛ, ଭାଗିରଥି ପଧାନଙ୍କ ହରଡ ଚାଷ, କିର୍ତ୍ତନ ପଧାନଙ୍କ ଆମ୍ବ ଗଛ ଓ ଅନେକ ଜମିରେ ବୁଣା ଯାଇଥିବା ମୁଗଗଜା ନଷ୍ଟ



ହୋଇଥିବା ଦେଖିବାକୁ ମିଳିଛି । ଶ୍ରୀପୁର ଗ୍ରାମର ଆଲୋକ ବାଗଙ୍କୁ ହାତୀ ଘୋଡାଉଥିବା ବେଳେ ସାହାସର ସହ ବେଗ ସାହୁ ତାଙ୍କୁ ଉଦ୍ଧାର କରିଥିଲେ । ଏ ବାବଦରେ ଜଙ୍ଗଲ ବିଭାଗ ଓ ପଲମ ପୋଲିସ ଖବର ପାଇବା ପରେ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ଘଉଡାଇବା ସହ ହାତୀ ଉପରେ ନଜର ରଖିଛନ୍ତି । ମ.ରାମପୁର ରେଞ୍ଜର କେଶବ ମାଝି, ଫରେଷ୍ଟର ଦୀପକ ସା, ନର୍ଲା ଫରେଷ୍ଟର ଭବାନୀ ନାଏକ, କେସିଙ୍ଗା ବନ ବିଭାଗ ଅଧୀନସ୍ଥ ରୁପ୍ରାରୋଡ ଫରେଷ୍ଟର ଯୁଧିଷ୍ଠିର ଜାଲ, କଣ୍ଟପଡା ଫରେଷ୍ଟର ଯଶୋବନ୍ତ ନାଏକ, କର୍ମଚାରୀ ତପନ ବେହେରା, ନିଗମ ସାହୁ, ଫକୀର ବିଶ୍ୱାଳ ଓ ପଲମ ଫାଣ୍ଡି ଅଧିକାରୀ ଅଶିତ ପଣ୍ଡା ଓ ବଜରଗଡ ଜଙ୍ଗଲ କମିଟି ସଭାପତି ଲକ୍ଷ୍ମଣ ଭୋଇ ପ୍ରମୁଖ ଜଗି ରହିଛନ୍ତି । କ୍ଷୟକ୍ଷତି ଚାଷୀମାନଙ୍କୁ କ୍ଷତି ପୂରଣ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

## ୭୦ ୟୁନିଟ୍ ରକ୍ତ ସଂଗ୍ରହ

**ବିନିକା, ୧୫।୧୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଭାଗୃହରେ ରବିବାର ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦଙ୍କ ଆହ୍ୱାନକ୍ରମେ ଓଡିଶା ମୋ ପରିବାର ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କୋଭିଡ୍-୧୯ ନିୟମ ପାଳନ ପୂର୍ବକ ଶିବିରରେ ବ୍ଲକର ବିଭିନ୍ନ ଗ୍ରାମର ୭୦ଜଣ ଯୁବକଙ୍କଠାରୁ ୭୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଓଡିଶା ମୋ ପରିବାରର ଜିଲା ସଂଯୋଜକ ରଞ୍ଜିତ କୁମାର ରଥ ଶିବିର ପରିଚାଳନା କରିଥିଲେ । ସୁବର୍ଣ୍ଣପୁର ରକ୍ତ ଭଣ୍ଡାର କର୍ମଚାରୀ, ବ୍ଲକ ବିଜେଡି ସଭାପତି ଦ୍ୱାରିକାନାଥ ସାହୁ, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଅଚ୍ୟୁତ କଣ୍ଟା, ସାମାଜିକ କର୍ମୀ ମନୋଜ ସାହୁ, ଆଶିଷ ରଞ୍ଜନ ଦାଶ, ସୂର୍ଯ୍ୟ ନାରାୟଣ ସାହୁ, ଗୋପାଳ ବାଘ, ସଦାନନ୍ଦ ଥନାପତି, ମହେଶ୍ୱର ପଧାନ, ଗଣ୍ଡାରାମ ଭୋଇ, ବିଶ୍ୱ ପାଢୀ, ଶ୍ରୀବତ୍ସ ମଣ୍ଡଳ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।


ଜଣେ ରକ୍ତଦାତା ରକ୍ତଦାନ କରୁଛନ୍ତି ।

# ଦେବଝରନରେ ଗାଧୋଇବା ମନା

**ସମ୍ବଲପୁର, ୧୫।୧୧ (ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରାରେ ଥିବା ଦେବଝରନ ଜଳପ୍ରପାତ ଓ ଡ୍ୟାମକୁ ପର୍ଯ୍ୟଟକ ଆସିବା ଆରମ୍ଭ ହୋଇଯାଇଛି । ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଦେବଝରନ ବିକାଶ ମଞ୍ଚ ପକ୍ଷରୁ ପଦକ୍ଷେପ ନିଆଯାଇଛି । ରବିବାର ଜଳ ପ୍ରପାତରେ ଗାଧୋଇବା ଉପରେ କଟକଣା ଲଗାଯାଇଛି । ଜଳ ପ୍ରପାତ ନିକଟରେ ଏକ ସୂଚନା ଫଳକ ଲଗାଯାଇଥିଲା । ଜଳପ୍ରପାତରେ ଗାଧୋଇବା ବେଳେ ବୁଡିଯାଇ ପୂର୍ବରୁ ଅନେକ ପର୍ଯ୍ୟଟକଙ୍କ ଜୀବନ ଯାଇଛି । ଦେବସ୍ଥଳ ଅଟେ ଏଠାରେ ପ୍ରତିଦିନ ପୂଜା କରାଯାଇଥାଏ, ତେଣୁ ଏଠାରେ ନ ଗାଧୋଇ ନିଜକୁ ସୁରକ୍ଷିତ ରଖନ୍ତୁ ବୋଲି ସୂଚନା ଦେଇଛନ୍ତି । ଏହା ସହ ଜଳପ୍ରପାତ ୧୦୦ ମିଟର ଭିତରେ ଭୋଜି କରିବା, ନିଶାଦ୍ରବ୍ୟ ସେବନ କରି ବିଶୃଙ୍ଖଳା ପରିବେଶ ସୃଷ୍ଟି ନ କରିବା, ପ୍ରତ୍ୟେକ ପର୍ଯ୍ୟଟକ ପର୍ଯ୍ୟଟନ ସ୍ଥଳକୁ ନିଜର ଭାବି ସ୍ୱଚ୍ଛ ରଖିବା ନେଇ ବାର୍ତ୍ତା ରହିଛି । ଏହି ସମୟରେ ବିକାଶ ମଞ୍ଚର ସଦସ୍ୟମାନେ ସଫେଇ କାର୍ଯ୍ୟକ୍ରମ କରିଥିଲେ । ଜଳପ୍ରପାତ ନିକଟ ଓ ଆଖପାଖରୁ ଅଳିଆ ଆବର୍ଜନା ସଫା କରିଥିଲେ । ବଣଭୋଜି କରିବା ପାଇଁ ଆସିଥିବା ଲୋକମାନଙ୍କୁ ସଚେତନ କରିଥିଲେ । ମଞ୍ଚ ଆବାହକ ଅରୁଣ ଦେହୁରୀ, ଅନୀଲ ପ୍ରଧାନ, ଅମିତ ବିଶ୍ୱାଳ, ପ୍ରକାଶ ବିଶ୍ୱାଳ, ରୁଷବ ବର୍ଗର୍ତ୍ତି, ରାଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏବେ ପର୍ଯ୍ୟଟକମାନେ ରାଜ୍ୟ ତଥା ବହାରୁ ଆସୁଛନ୍ତି । ଛାତ୍ରୀ, ମହିଳାମାନେ ମଧ୍ୟ ଆସୁଛନ୍ତି । ତେଣୁ ପ୍ରତିବର୍ଷ ଭଳି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଉ । ବନ ବିଭାଗ ମଧ୍ୟ ସହଯୋଗ କରନ୍ତୁ । ଲକ୍ଷାଧିକ ଟଙ୍କାରେ ନିର୍ମାଣ ହୋଇଥିବା ପାର୍କ ପର୍ଯ୍ୟଟକମାନଙ୍କ ପାଇଁ ଖୋଲାଯାଉ ବୋଲି ଆବାହକ ଦେହୁରୀ ଦାବି କରିଛନ୍ତି । ସମ୍ବଲପୁର ଡିଏଫଓ ସଞ୍ଜୀତ କୁମାର ବିକାଶ ମଞ୍ଚ ଏହି କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଛନ୍ତି ।


ସମ୍ବଲପୁର ଜିଲା ଦେବଝରନ ବିକାଶମଞ୍ଚ ପକ୍ଷରୁ ସଫେଇ କରାଯାଉଛି ।

**ଦେବଝରନରେ ସୁରକ୍ଷା ନେଇ ପଦକ୍ଷେପ**

## ଫେରିଘାଟ ନିକଟରୁ ମୃତ ଶିଶୁପୁତ୍ର ଉଦ୍ଧାର

**ବିନିକା:** ଶନିବାର ସୁବର୍ଣ୍ଣପୁର ଜିଲା ବିନିକା ସହର ତଟବର୍ତ୍ତୀ ମହାନଦୀ ଫେରିଘାଟ ନିକଟରୁ ଏକ ମୃତ ଶିଶୁପୁତ୍ର ଉଦ୍ଧାର ହୋଇଛି । ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତି ଶିଶୁଟି ପାଣିରେ ଭାସୁଥିବାର ଦେଖିବାକୁ ପାଇଥିଲେ । ପରେ ଉଦ୍ଧାର କରି ନଦୀ ପଠାରେ ପୋତି ଦେଇଥିଲେ । କୌଣସି କୁଆଁରୀ ମା' ପାପକର୍ମକୁ ଲୁଚାଇବାକୁ ଯାଇ ଶିଶୁଟି ଜନ୍ମ ହେବା ପରେ ନଦୀକୁ ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି । ଏହି ଘଟଣା ସାଧାରଣରେ ଗଭୀର ଆଲୋଡନ ସୃଷ୍ଟି କରିଛି ।

## ସଂକ୍ଷେପରେ

### ଯୁବକଙ୍କୁ ଗାଁ ଦାଣ୍ଡରେ ଟାଙ୍ଗିଆରେ ଆକ୍ରମଣ

**ରେଢାଖୋଲ, ୧୫।୧୧ (ଡି.ଏନ.ଏ.)** ରେଢାଖୋଲ ଥାନା କାଣ୍ଡତୈଳା ଗ୍ରାମରେ ରବିବାର ୧ଟା ବେଳେ ଗୋଟିଏ ପରିବାରର ୨ ଭାଇ ମିଶି ରଞ୍ଜିତ ସୋରେଙ୍ଗ ନାମକ ଜଣେ ଯୁବକଙ୍କୁ ଗାଁ ଦାଣ୍ଡରେ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ରଞ୍ଜିତଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ରେଢାଖୋଲ ଓ ପରେ ବୁର୍ଲା ଡାକ୍ତରଖାନାକୁ ନିଆଯାଇଛି। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି। ପୋଲିସ ଖବର ପାଇ ଘଟଣାସ୍ଥଳକୁ ଯାଇ ତଦନ୍ତ କରୁଛି। ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ଜଣାପଡିଛି।

### ବାଇକ ଦୁର୍ଘଟଣାଗ୍ରସ୍ତ, ଯୁବକ ମୃତ

**ଲୋଇସିଂହା,୧୫।୧୧(ଡି.ଏନ.ଏ.)** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଲୁହୁରାପାଲି-ପନେସରା ରାସ୍ତାରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ପନେସରା ଗାଁର ଅରବିନ୍ଦ ନାଏକ(୨୩)। ଏଥିରେ ଇନ୍ଦ୍ରଜିତ ସାହୁ(୧୩) ନାମକ ଜଣେ ବାଳକ ଗୁରୁତର ହୋଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଉଭୟେ ଶନିବାର ସନ୍ଧ୍ୟାରେ ଏକ ବାଇକରେ ଲୁହୁରାପାଲି ପଟକୁ ଆସୁଥିଲେ। ଲୁହୁରାପାଲି ପୋଲ ପୂର୍ବରୁ ଥିବା ମୋଡାଣିରେ ଥିବା ଏକ ଆମ୍ବଗଛରେ ଭାରସାମ୍ୟ ହରାଇ ତାଙ୍କ ବାଇକ ପଟି ହୋଇ ଯାଇଥିଲା । ଲୋଇସିଂହା ଅଗ୍ନିଶମ କର୍ମଚାରୀ ଉଭୟଙ୍କୁ ଉଦ୍ଧାର କରି ଲୋଇସିଂହା ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ଅରବିନ୍ଦଙ୍କୁ ମୃତ ଘୋଷଣା କରିଥିଲେ ।

### ୩ ଫେରାର ଗଞ୍ଜେଇ ବେପାରୀ ଗିରଫ

**ରେଢାଖୋଲ, ୧୫।୧୧ (ଡି.ଏନ.ଏ.)** ସମ୍ବଲପୁର ଜିଲା ଚାରମାଲ ପୋଲିସ ଶନିବାର ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଫେରାର ୩ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୁଜୁମୁରା ଥାନା ଭୋଇପାଲି ଗ୍ରାମର ଡମ୍ବରୁ ପ୍ରଧାନ (୩୦), ମରମଝୁରୀ ଗ୍ରାମର ବୈଷ୍ଣବ ମାଝି (୨୦) ଓ ଚାରମାଲ ଥାନା ଅଧୀନ କାଉଁଶିପାନି ଗ୍ରାମର ଉପେନ୍ଦ୍ର ପ୍ରଧାନ (୩୮)। ଗତ ୩୧।୫।୨୦୨୦ ରାତିରେ ବୌଦ୍ଧ ଅଞ୍ଚଳରୁ ଏହି ବେପାରୀମାନେ ୨ଟି ବାଇକ୍‌ରେ ୩୫ କେଜି ଗଞ୍ଜେଇ ଚାଲାଣ କରୁଥିବା ବେଳେ ପୋଲିସ ସୂଚନା ପାଇ ତେଲିଘନା ଗ୍ରାମ ନିକଟରେ ଚଢାଉ କରିଥିଲା। ସେଠାରୁ ସେମାନେ ଗଞ୍ଜେଇ ଓ ବାଇକ୍ ଛାଡି ଫେରାର ହୋଇଯାଇଥିଲେ। ପୋଲିସ ବାଇକ୍ (ନଂ.ଓଆର ୧୪ ଏମ-୦୪୪୭ ଏବଂ ଓଡି୧୫ ଏଫ ୧୦୦୪) ସହିତ ୨ଟି ଜରି ବ୍ୟାଗରେ ଥିବା ୩୫ କେଜି ଗଞ୍ଜେଇ ଜବତ କରିଥିଲା। ଏ ନେଇ ଚାରମାଲ ଥାନାରେ ଏନଡିପିଏସ ଆକ୍ଟରେ ଏକ ମାମଲା (ନଂ. ୮୯/୨୦) ରୁଜୁ କରି ତଦନ୍ତ ଚଳାଇଥିଲା।

### ବାଲି ଚୋରାଚାଲାଣ, ୩ ହାଇୱା ଜବତ

**ଦେବଗଡ଼, ୧୫।୧୧ (ଡ଼ି.ଏନ୍.ଏ.)** ବେଆଇନ ବାଲି ଚାଲାଣ ବେଳେ ଦେବଗଡ ଜିଲା କୁଣ୍ଢେଇଗୋଲା ଥାନା ପୋଲିସ ୩ଟି ହାଇୱା ଟ୍ରକ ଜବତ କରିଛି। ଏଥି ସହ ୩ ଗାଡିର ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଟିକିରା ନଦୀଘାଟରୁ ବେଆଇନ ବାଲି ଚାଲାଣ ହେଉଥିବା ସୂଚନା ପାଇଥିଲେ କୁଣ୍ଢେଇଗୋଳା ଥାନା ଅଧିକାରୀ ନିରୂପମା ଜେନା। ଶୃଙ୍ଗିପାଳ ଗ୍ରାମ ନିକଟ ୫୩ ନମ୍ବର ଜାତୀୟ ରାଜପଥରେ ସେ ସଦଳବଳେ ୨ଟି ହାଇୱା ଏବଂ ବୁଢାପାଳ-ରେଙ୍ଗାଳି ରାସ୍ତାରେ ଗୋଟିଏ ହାଇୱା ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଗାଡିର ଡ୍ରାଇଭରମାନେ ବାଲି ଚାଲାଣ ସମ୍ପର୍କିତ କୌଣସି କାଜଗପତ୍ର ଦେଖାଇ ପାରି ନ ଥିଲେ । ଫଳରେ ପୋଲିସ ୩ଟିଯାକ ହାଇୱାକୁ ଜବତ କରି ଥାନାକୁ ଆଣିଥିଲା। ଡ୍ରାଇଭର ଅନୁଗୋଳ ଜିଲା ରେଙ୍ଗାଳି ଡ୍ୟାମ ସାଇଟ ଥାନା ଅନ୍ତର୍ଗତ ବଜ୍ରକୋଟ ଗ୍ରାମର ମୁରଲୀ ନାୟକ, ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଝାରବେଡାର ପ୍ରଭାକର ବେହେରା ଓ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ମାମୁରିଆ ଗ୍ରାମର ନୃପତି ମାଝୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

# ବିସ୍ଥାପିତଙ୍କ ସମସ୍ୟା ସମାଧାନ ଦିଗରେ ଧ୍ୟାନ ଦିଅ

**ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ**

■ ଅଗ୍ରଗାମୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ୧୧ ଦଫା ଦାବିପତ୍ର

**ବଲାଙ୍ଗୀର ଅଫିସ,୧୫।୧୧**



ଅଗ୍ରଗାମୀ ସଂଘ ପକ୍ଷରୁ ଯାଦବ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀ ।

ଲୋୟର ସୁକତେଲ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ଲୋକଙ୍କୁ ଉଚିତ୍ କ୍ଷତିପୂରଣ ଓ ଥଇଥାନ କରାଯାଇ ନ ଥିବାବେଳେ ସରକାର ପୁଣି ଥରେ ଡ୍ୟାମ ନିର୍ମାଣ କାମ ଉପରେ ଜୋର ଦେଇଛନ୍ତି। ଏଭଳି ସ୍ଥିତିରେ ଡ୍ୟାମକୁ ସମର୍ଥନ କରୁଥିବା ୧୪ ଖଣ୍ଡ ଗ୍ରାମର ଜନସାଧାରଣ ସେମାନଙ୍କ ହକ୍ ପାଇବାକୁ ନେଇ ସଂଶୟ ପ୍ରକାଶ କରି ରବିବାର ସ୍ଥାନୀୟ ଯାଦବ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରି ବିସ୍ଥାପିତଙ୍କ ସମସ୍ୟା ସମାଧାନ ଦିଗରେ ପ୍ରଥମେ ପଦକ୍ଷେପ ନେଲେ ଯାଇ ଡ୍ୟାମ ସମ୍ପୂର୍ଣ୍ଣ ହୋଇପାରିବ ବୋଲି କହିଥିଲେ।

ଅଗ୍ରଗାମୀ ସଂଘ ସଭାପତି ଉପେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲୋୟର ସୁକତେଲ ପ୍ରକଳ୍ପ ପାଇଁ ସେମାନେ ଗାଁ, ଘର ଛାଡିବା ପାଇଁ ପ୍ରସ୍ତୁତ କିନ୍ତୁ ଲୋକଙ୍କୁ ସରକାର ଦେଇଥିବା ପ୍ରତିଶ୍ରୁତି କାହିଁକି ପୂରଣ କରୁନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ୨୦୧୩ ମସିହାରେ ଡ୍ୟାମ କାମ ଆରମ୍ଭ କଲାବେଳେ ଏକା ସାଙ୍ଗରେ ଡ୍ୟାମ କାମ ଓ କ୍ଷତିପୂରଣ ବଣ୍ଟନ କରାଯିବ ବୋଲି କୁହାଯାଇଥିଲା। ହେଲେ ଡ୍ୟାମ ସ୍ପିଲୱେ କାମ ୭୦ ପ୍ରତିଶତ ସରିଥିବା ବେଳେ ବିସ୍ଥାପିତଙ୍କ ସମସ୍ୟାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି । ବିସ୍ଥାପିତଙ୍କ ସହିତ ସିଧାସଳଖ ଆଲୋଚନା କରି ଡ୍ୟାମ କାମ ଆରମ୍ଭ କରାଯାଉ, ନଚେତ ନିର୍ମାଣ କାମ ଆରମ୍ଭ କରାଇ ଦିଆଯିବ ନାହିଁ ବୋଲି ସାହୁ କହିଛନ୍ତି । ଉମାକାନ୍ତ ଖୁଆସ ବିସ୍ଥାପିତଙ୍କୁ ୨୦୧୩ ଆଇନରେ କ୍ଷତିପୂରଣ ଦିଆଯିବ ବୋଲି କୁହାଯାଇଥିବାବେଳେ ଏବେ ଏକ୍ସଗ୍ରାସିଆ କଥା କହି ବିଭ୍ରାନ୍ତ କରୁଛନ୍ତି ବୋଲି କହିଥିଲେ । ଦୁଇ ମାସ ମଧ୍ୟରେ ରାଜ୍ୟ ସରକାରଙ୍କ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଆସି ପ୍ରକଳ୍ପ ଡ୍ୟାମ୍ ସାଇଡ ପରିଦର୍ଶନ କରିଥିଲେ ମଧ୍ୟ ବିସ୍ଥାପିତଙ୍କ ସମସ୍ୟା ସମାଧାନ ଦିଗରେ କିଛି ଠୋସ୍ ପଦକ୍ଷେପ ନେଉନାହାନ୍ତି ବୋଲି କହିଥିଲେ ।

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ସମସ୍ତ ଗ୍ରାମର ବିସ୍ଥାପିତଙ୍କୁ ଗୋଟିଏ ପ୍ରକଳ୍ପ, ଗୋଟିଏ ଆଇନ ୨୦୧୩ ଭୂମି ଅଧିଗ୍ରହଣ ଆଇନ ଜରିଆରେ ବଜାର ଦରରେ ଘର, ଗଛ, କୂଅ ଜମିର କ୍ଷତିପୂରଣ ଏକକାଳୀନ ପ୍ରଦାନ, ଭୂମିହୀନ ବିସ୍ଥାପିତ ପରିବାରକୁ ଚିହ୍ନଟ କରି ବିସ୍ଥାପିତଙ୍କ ସହିତ ସମାନ ହିସାବରେ ଥଇଥାନ, ବିସ୍ଥାପିତଙ୍କୁ ହଇରାଣ କରିବା ପାଇଁ କରାଯାଇଥିବା ମିଥ୍ୟା ମାମଲାଗୁଡିକ ପ୍ରତ୍ୟାହାର, କ୍ଷତିପୂରଣ ଓ ଥଇଥାନ ତଥା ବିଭିନ୍ନ ଜମି ବିବାଦର ସମାଧାନ ପାଇଁ ପ୍ରକଳ୍ପ କାର୍ଯ୍ୟାଳୟରେ ଏକ ବିଚାରପତି କାର୍ଯ୍ୟାଳୟ ଖୋଲିବା, କ୍ଷତିପୂରଣ ବଣ୍ଟନ ବେଳେ ଗୋଟିଏ ଗ୍ରାମ ସରିଲା ପରେ ଯାଇ ଅନ୍ୟ ଗ୍ରାମକୁ କ୍ଷତିପୂରଣ ବଣ୍ଟନ କରିବାକୁ ଦାବି କରାଯାଇଛି । ଏହି ଦାବିଗୁଡିକୁ ନେଇ ସଂଗ୍ରାମୀ ପରିଷଦ ବଲାଙ୍ଗୀର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ସ୍ଥାନୀୟ ମନ୍ତ୍ରୀ, ଏମ୍‌ପି, ବିଧାୟକଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଥିବା ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ବୁଡି ଅଞ୍ଚଳ ଅଗ୍ରଗାମୀ ସଂଘର ସୁବଳ ପଧାନ, ମଳୟ ମେହେର, ଜିତୁ ସାହୁ, ରାଜକୁମାର ପଧାନ, ଉମାକାନ୍ତ ଖୁଆସ, ଅର୍ଜୁନ ଧରୁଆ, ମନୋଜ ରାଜପୁତ, ବିଶ୍ୱାମିତ୍ର ପଧାନ ଓ ଧୀରେନ୍ଦ୍ର କୁମାର ନାଗ ମଞ୍ଚାସୀନ ଥିଲେ ।

## ଅଟୋ-ବୋଲେରୋ ମୁହାଁମୁହିଁ ଧକ୍କା: ୬ ଗୁରୁତର

**କୁଆଁରମୁଣ୍ଡା, ୧୫।୧୧ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ପୁଟୁରୀଖମଣ ପଞ୍ଚାୟତ କୁଆଁରମୁଣ୍ଡା-ହାତୀବାରି ରୋଡ଼ର ଗାନ୍ଧୀଛକ ନିକଟରେ ରବିବାର ମଧ୍ୟାହ୍ନରେ ଏକ ଯାତ୍ରୀବାହୀ ଅଟୋ ଓ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଅଟୋରେ ଥିବା ୩ ମହିଳା ଓ ୩ ପୁରୁଷ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ୬ ଜଣଙ୍କୁ ପୋଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇଛି। କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡିଦ୍ୱୟକୁ ଜବତ କରିଛି। ଅଟୋ ଚାଳକ ଜିତେନ୍ଦ୍ର ଲାଖୁଆଙ୍କ ଘର ହାତୀବାରି ଥାନା ଅନ୍ତର୍ଗତ ରନାକଟା ଗ୍ରାମର ହୋଇଥିବା ବେଳେ ବୋଲେରୋ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଛନ୍ତି। ଅଟୋ (ନଂ.ଓଆର୧୪ଟି-୬୬୦୨) ହାତୀବାରିରୁ କୁଆଁରମୁଣ୍ଡାକୁ ଆସୁଥିବା ବେଳେ ବିପରୀତରୁ ବୋଲେରୋ (ନଂ.ଓଡି୧୪ବି-୯୮୦୨) ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

# ଗରିବଙ୍କୁ ଖୁସି ଦେଲା ପ୍ରଧାନମନ୍ତ୍ରୀ ଆବାସ


ପରିବାରବର୍ଗ ପ୍ରଧାନମନ୍ତ୍ରୀ ଆବାସ ସମ୍ମୁଖରେ ଦୀପାବଳି ପାଳନ କରୁଛନ୍ତି।

**ଦୀପାବଳିର ପ୍ରଥମ ଆଲୁଅ ଦେଖିଲେ ପରିବାରବର୍ଗ**

**କୁନାଗଡ, ୧୫।୧୧ (ଡି.ଏନ.ଏ.)**

ଦୀର୍ଘ ବର୍ଷ ଧରି ସେମାନେ ଅସହାୟ ଅବସ୍ଥାରେ ନିଜ ଝାଟିମାଟି କୁଡିଆ ଘରେ ରହୁଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବା ପରେ ସେମାନଙ୍କ ମୁହଁରେ ଏବେ ହସ ଫୁଟିଛି। ଶନିବାର ଦୀପାବଳିର ପ୍ରଥମ ଆଲୁଅ ନିଜ ଘରେ ଦେଖି ପରିବାରବର୍ଗଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା କୁନାଗଡ ସହରରେ। କୁନାଗଡ ଏନ୍‌ଏସି ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୬ଟି ପର୍ଯ୍ୟାୟରେ ୩୭୮ଜଣ ଗରିବ, ଅସହାୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସେଥିମଧ୍ୟରୁ ୧୬୧ଜଣ ଘର ସମ୍ପୂର୍ଣ୍ଣ କରିଥିବାବେଳେ ଅବଶିଷ୍ଟ ଘର ନିର୍ମାଣ ଚାଲିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବା ପରେ ସହରର ଅନେକ ଗରିବ, ଅସହାୟ ଲୋକ ପକ୍କାଘର ପାଇ ଉପକୃତ ହୋଇଛନ୍ତି। ଆଗାମୀ ଦିନରେ ସହରର ଅବଶିଷ୍ଟ ଗରିବ ଲୋକଙ୍କୁ ଚିହ୍ନଟ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବ। ସେହିପରି ଅସମ୍ପୂର୍ଣ୍ଣ ଥିବା ଘରଗୁଡିକୁ ଶୀଘ୍ର ଶେଷ କରିବାକୁ ପଦକ୍ଷେପ ନିଆଯାଉଛି ବୋଲି ଏନ୍‌ଏସି ଇଓ ଅବିନାଶ ମହାନ୍ତି, କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ବେହେରା, ନାରାୟଣ ବେହେରା, ସିଏଲଟିସି ଏକ୍ସପାର୍ଟ ଶଙ୍କର ପ୍ରସାଦ ଦାଶ ପ୍ରକାଶ କରିଛନ୍ତି।

## ଓଡ଼ିଶା ସୀମାନ୍ତ ଜମତେଇ ଜଙ୍ଗଲରେ ଗୁଳିକାଣ୍ଡ

■ ପୂର୍ବତନ ପିଏଲ୍‌ଏଫ୍‌ଆଇ ସଦସ୍ୟଙ୍କ ମୃତ୍ୟୁ

**ନୂଆଗାଁ,୧୫।୧୧(ଡି.ଏନ.ଏ.)**

ସୁନ୍ଦରଗଡ ଜିଲାର ନୂଆଗାଁ ବ୍ଲକ ଠାରୁ ୧୫ କିଲୋମିଟର ଓ ବିଶ୍ରା ଥାନାଠାରୁ ପ୍ରାୟ ୩୦ କିଲୋମିଟର ଦୂର ଓଡିଶା ସୀମାନ୍ତ ଜମତେଇ ଜଙ୍ଗଲରେ ଶନିବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟିଛି। ଝାଡଖଣ୍ଡର ବାନୋ ଥାନା ଅନ୍ତର୍ଗତ ଜମତେଇ ଗ୍ରାମ ନିକଟ ଏହି ଜଙ୍ଗଲରେ ବେଆଇନ ଭାବେ କୁକୁଡା ଲଢ଼େଇ ଓ ସଟ୍ଟା ଖେଳ ଚାଲିଥିବା ବେଳେ ୪ ଜଣ ଯୁବକ ହଠାତ୍ ଆସି ପିଏଲଏଫଆଇର ପୂର୍ବତନ ସଦସ୍ୟ ମଦନ ମାଝୀ (୪୫)ଙ୍କ ଉପରକୁ ପିସ୍ତଲରୁ ଗୁଳି ଚଳାଇ ଫେରାର ହୋଇ ଯାଇଛନ୍ତି । ମଦନଙ୍କ ମୁଣ୍ଡରେ ଗୋଟିଏ ରାଉଣ୍ଡ ଗୁଳି ବାଜି ଥିବା ବେଳେ ତାଙ୍କୁ ସଙ୍ଗେ ସଙ୍ଗେ ରାଉରକେଲାସ୍ଥିତ ଇସ୍ପାତ ଜେନେରାଲ ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ଆଇଜିଏଚରେ ମୃତଦେହ ବ୍ୟବଚ୍ଛେଦ ପରେ ହୁର୍ଦା ଫାଣ୍ଡି ପୋଲିସ ଉପସ୍ଥିତିରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ତେବେ ଗୁଳିକାଣ୍ଡରେ ସଂପୃକ୍ତ ଥିବା ଯୁବକମାନେ ପିଏଲଏଫଆଇ ସଂଗଠନ ସହ ଜଡିତ ବୋଲି କୁହାଯାଉଛି। ଏହି ଘଟଣା ପରେ ଓଡିଶା ସୀମାବର୍ତ୍ତୀ ଗାଁଗୁଡିକରେ ଆତଙ୍କ ଖେଳି ଯାଇଛି। ପିଏଲଏଫଆଇ ସଂଗଠନ ପୁଣି ଉକ୍ତ ଅଞ୍ଚଳରେ ସକ୍ରିୟ ହୋଇ ଉଠିଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି।

# କପା ଚାଷଜମିରେ ଗୋରୁ ଚରାକୁ ନେଇ ସଂଘର୍ଷ : ଜଣେ ମୃତ

**ମନମୁଣ୍ଡା,୧୫।୧୧(ଡି.ଏନ.ଏ)**

କପା ଚାଷ ହୋଇଥିବା ଜମିରେ ଗୋରୁ ଚରିବାକୁ କେନ୍ଦ୍ର କରି ସଂଘର୍ଷ ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମନମୁଣ୍ଡା ଥାନା ଶୁଣ୍ଢିପଦର ପଞ୍ଚାୟତ ଚିଚେଙ୍ଗ ଗ୍ରାମରେ ଶନିବାର ଏହି ଘଟଣା ଘଟିଛି ।

ପ୍ରକାଶ ଯେ, ଅପରାହ୍ନ ପ୍ରାୟ ୧ଟା ବେଳେ ଚିଚେଙ୍ଗ ଗ୍ରାମର ଘାସି ମହାକୁଡଙ୍କ ପୁଅ ସୁରେଶ (୫୫), ବସନ୍ତ (୫୦) ଏବଂ ଦେବରାଜ ମହାକୁଡଙ୍କ ପୁଅ ଜୟରାମ (୧୪) ଗ୍ରାମର ଭୁସୁରାଠାରେ ଗାଇ, ବଳଦ, ମେଣ୍ଢା ଚରାଉଥିଲେ। ସେହି ପାଖରେ ନନ୍ଦିଆନଗର ଗ୍ରାମର ଗୋଲେଖ ସୁନାଙ୍କ କପା ଚାଷ କରାଯାଇଥିଲା । ତେବେ ଗୋରୁ ଓ ମେଣ୍ଢା ଉକ୍ତ ଜମିରେ ପଶି କପା ଗଛ ଦଳି ଚକଟି ନଷ୍ଟ କରି ଦେବା ନେଇ ଗୋଲେଖଙ୍କ ଗୋଟିଏ ପୁଅ ସେମାନଙ୍କ ସହ ପାଟିତୁଣ୍ଡ କରିଥିଲେ । ପରେ ଏ ନେଇ ଫୋନ କଲ ପାଇ ଗୋଲେଖଙ୍କ ପୁଅ ଦିଲୀପ, ଯୋଗୀନ୍ଦ୍ର, ଦାମ ଅନ୍ୟ କେତେଜଣଙ୍କ ସହ ଘଟଣାସ୍ଥଳକୁ ଆସି ବସନ୍ତ ଏବଂ ସୁରେଶଙ୍କୁ ସଂଘବଦ୍ଧ ହୋଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ବସନ୍ତ ଓ ସୁରେଶ ଗୁରୁତର ହୋଇଥିଲେ। ନାବାଳକ ଜୟରାମ କୌଣସି ପ୍ରକାରେ ଖସି ପଳାଇ ଆସି ଆହତଙ୍କ ପରିବାରରେ ଖବର ଦେଇଥିଲେ। ପରିବାରବର୍ଗ ଆହତ ଦ୍ୱୟଙ୍କୁ ଉଦ୍ଧାର କରି ପ୍ରଥମେ ସୋନପୁର ଓ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ଶନିବାର ଅପରାହ୍ନ ସାଢେ ୫ଟାରେ ଚିକିତ୍ସାଧୀନ ଅବସ୍ଥାରେ ବସନ୍ତଙ୍କ ମୃତ୍ୟୁ ଘଟିଥିଲା। ସୁରେଶଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି।

ଏ ନେଇ ମୃତକଙ୍କ ପୁତୁରା ରଘୁନାଥ ମହାକୁଡ ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଏକ ମାମଲା (ନଂ. ୧୬୬/୨୦) ରୁଜୁ କରାଯାଇଛି। ଏହି ଘଟଣାରେ ସଂପୃକ୍ତ ଦିଲୀପ ସୁନା (୨୭), ଯୋଗୀନ୍ଦ୍ର ସୁନା (୨୦) ଏବଂ ଦାମ ସୁନା (୨୬)ଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟମାନେ ଫେରାର ଥିବା ଆଇଆଇସି ଗୋପୀନାଥ ପ୍ରଧାନଙ୍କ ଠାରୁ ଜାଣିବାକୁ ମିଳିଛି। ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଅଭିଯୁକ୍ତ ଯୋଗୀନ୍ଦ୍ର ସୁନା ଏ ନେଇ ଥାନାରେ କରିଥିବା ଏତଲା କ୍ରମେ ମୃତକ ଓ ଆହତଙ୍କ ନାମରେ ଏକ ମାମଲା ନଂ. ୧୬୫/୨୦ ରୁଜୁ କରାଯାଇଛି। ପୋଲିସ ଉଭୟ ମାମଲାର ତଦନ୍ତ ଚଳାଇଛି ।

# ଏମ୍‌ସିଏଚ୍ କୋଠାରେ ଚାଲିଲା ଅତ୍ୟାଧୁନିକ ଏସ୍‌ଏନ୍‌ସିୟୁ

**ସୁନ୍ଦରଗଡ, ୧୫।୧୧ (ଡି.ଏନ.ଏ.)**


ଜିଲାପାଳ ଅତ୍ୟାଧୁନିକ ଏସଏନସିୟୁକୁ ଉଦ୍‌ଘାଟନ କରୁଛନ୍ତି।

ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ଶିଶୁ ବିଭାଗରେ ଥିବା ସ୍ୱତନ୍ତ୍ର ନବଜାତ ଶିଶୁ ଚିକିତ୍ସା ୟୁନିଟ (ଏସଏନସିୟୁ)କୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ (ଏମସିଏଚ୍) କେନ୍ଦ୍ର କୋଠାକୁ ସ୍ଥାନାନ୍ତର କରାଯାଇଛି। ଶନିବାର ଏହି ନୂଆ ବ୍ୟବସ୍ଥାର ଉଦଘାଟନ କରିଛନ୍ତି ଜିଲାପାଳ ନିଖିଳ ପବନ କଲ୍ୟାଣ। ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ପାଇଁ ଉର୍ଦ୍ଦିଷ୍ଟ ଏମସିଏଚ କୋଠାକୁ ଏବେ ସ୍ଥାନାନ୍ତର କରାଯାଇଛି । ଏସଏନସିୟୁରେ ନବଜାତ ଶିଶୁମାନଙ୍କଠାରେ ଦେଖାଯାଉଥିବା ବିଭିନ୍ନ ରୋଗର ଚିକିତ୍ସା କରିବା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି ବୋଲି ଜିଲାପାଳ କହିଛନ୍ତି। ଅଭିଜ୍ଞ ଶିଶୁ ରୋଗ ବିଶେଷଜ୍ଞମାନେ ଚିକିତ୍ସା କରିବେ। ପିଲାମାନେ ସମ୍ପୂର୍ଣ୍ଣ ସୁସ୍ଥ ହେଲେ ଯାଇ ଏଠାରୁ ଡିସଚାର୍ଜ ହେବେ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସିଡିଏମଓ ଡା. ସରୋଜ କୁମାର ମିଶ୍ର, ଡିଏମଓ ଡା. ପୂର୍ଣ୍ଣଚନ୍ଦ୍ର ସାହୁ, ଡିପିଏଚଓ ଡା. କାହ୍ନୁଚରଣ ନାୟକ, ଏଡିପିଏଚଓ ଡା. ପିକେ ନାଏକ, ଡିପିଏମ ଦୀପକ କୁମାର ମହାନ୍ତିଙ୍କ ସମେତ ଜିଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ପରିବେଶ କବିଙ୍କ ପରଲୋକ

**ସମ୍ବଲପୁର, ୧୫।୧୧ (ବ୍ୟୁରୋ)**

ପରିବେଶ କବି ମନୋରଞ୍ଜନ ସାଲିମାଙ୍କ ବୁର୍ଲା ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସାନଭାଇ ହାସ୍ୟକବି ଗୁଣରଞ୍ଜନ ସାଲିମାଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ଜ୍ୟେଷ୍ଠ ପୁତ୍ର ହରିଓମ୍ ମୁଖାଗ୍ନି ଦେଇଥିଲେ। ମନୋରଞ୍ଜନ ହୀରାକୁଦ ହିଣ୍ଡାଲକୋରେ କାର୍ଯ୍ୟରତ ଥିବା ବେଳେ ଓ ଅବସର ଗ୍ରହଣ କରିବା ପରେ ମଧ୍ୟ ପରିବେଶ ସୁରକ୍ଷା ନିମନ୍ତେ ସଚେତନତା ସୃଷ୍ଟି କରୁଥିଲେ। ପରିବେଶ ସୁରକ୍ଷା ନେଇ ସେ ୩ଟି ପୁସ୍ତକ ମଧ୍ୟ ରଚନା କରିଛନ୍ତି।

# ଜନ୍ମତିଥିରେ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୧୫। ୧୧**

ଭାରତ ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ସଂଗ୍ରାମୀ ବିର୍ଶା ମୁଣ୍ଡାଙ୍କ ୧୪୫ତମ ଜୟନ୍ତୀ ପାଳନ ଅବସରରେ ଷ୍ଟାଚ୍ୟୁ କମିଟି ପକ୍ଷରୁ ବିର୍ଶା ଛକରେ ଗଭୀର ଶ୍ରଦ୍ଧାଞ୍ଜଳିଜ୍ଞାପନ କରାଯାଇଛି। ପ୍ରଫେସର ବିଜୟ ଟପୋଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନା ମୁଖ୍ୟ ନିର୍ବାହୀ ଅଧିକାରୀ ଦୀପକ ଚଟ୍ଟରାଜ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରକର ଯୋଗଦେଇ ବିର୍ଶାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଆରଏସପି ନିର୍ବାହୀ ନିର୍ଦ୍ଦେଶକ ରାଜବୀର ସିଂ, ପି.କେ. ଦାସ, ପଙ୍କଜ କୁମାରଙ୍କ ସମେତ ମୁଖ୍ୟ ମହାପ୍ରବନ୍ଧକ ଅଜୟ ନାୟକ, ମହାପ୍ରବନ୍ଧକ ଇନଚାର୍ଜ ବି.କେ. ରାଉତ ଓ ଧିରେନ ମିଶ୍ର, ଉପମହାପ୍ରବନ୍ଧକ ପି.କେ. ସାହୁ, ଡ. ଅଭିଜିତ ବିଶ୍ୱାସ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ସହର ସଭାପତି ଗଗନ ପଣ୍ଡା, ଭାଜପା ନେତ୍ରୀ ଲତିକା ପଟ୍ଟନାୟକ, ଧିରେନ ସେନାପତି ଓ ଜଗବନ୍ଧୁ ବେହେରା, ସିଟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ଶ୍ରମିକ ନେତା ବିମାନ ମାଇତି, ସାମାଜିକ କର୍ମୀ ପ୍ରଶାନ୍ତ ସେଠୀ, ଶ୍ରଦ୍ଧା ଷଡଙ୍ଗୀ, ଭଗବାନ ରାଉତ, ରମେଶ ବଳ, ନିହାରରଂଜନ ସାମଲ, ହରିହର ରାଉତରାୟ, ସୁମନ ଦତ, ଗଙ୍ଗାଧର ଦାସ ଓ ବ୍ୟାସ ଦେବ ନାଥ ପ୍ରମୁଖ ବିଭିନ୍ନ ସଂଘ ସଂଗଠନ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ୨୭ ଆବାସ ଯୋଜନା ହିତାଧିକାରୀଙ୍କ ଗୃହପ୍ରବେଶ

**ସମ୍ବଲପୁର,୧୫।୧୧(ବ୍ୟୁରୋ)**


ସମ୍ବଲପୁର ମହାନଗର ନିଗମ ହାଲିପାଲି ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

**ଘର କାନ୍ଥରେ ସମ୍ବଲପୁରୀ ଝଲକ**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହାଲିପାଲି ଗ୍ରାମରେ ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇଥିବା ୨୭ଜଣ ହିତାଧିକାରୀ ଶନିବାର ପବିତ୍ର ଦୀପାବଳିରେ ଗୃହ ପ୍ରବେଶ କରିଥିଲେ । ସମ୍ବଲପୁର ମହାନଗର ନିଗମ ଓ ଓଡିଶା ଅର୍ବାନ ହାଉସିଂ ମିଶନ(ଓୟୁଏଚଏମ) ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଓୟୁଏଚଏମ ରାଜ୍ୟ ସଂଯୋଜକ ସଞ୍ଜୀବ ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ସମ୍ବଲପୁର ସଦର ଉପଜିଲାପାଳ ମୟୂର ସୂର୍ଯ୍ୟବଂଶୀ ବିକାଶ, ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ, ଅତିରିକ୍ତ କମିଶନର ଅଞ୍ଜଳିନା ପ୍ରଧାନ, ପବନ ଯାଦବ, ସରୋଜକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତ୍ୟେକ ହିତାଧିକାରୀଙ୍କୁ ଘର ଚାବି ପ୍ରଦାନ କରାଯାଇଥିଲା। ପରେ ଗ୍ରାମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉଦ୍‌ବୋଧନ ଦେଇ ବିଧାୟକ ନାଏକ କହିଥିଲେ ଯେ, ପୂର୍ବରୁ ପଞ୍ଚାୟତ ଅଧୀନରେ ଥିବା ଏହି ଅଞ୍ଚଳର ଲୋକେ ଏବେ ମହାନଗର ନିଗମରେ ସାମିଲ ହୋଇଛନ୍ତି। କେତେକ ଗ୍ରାମରେ ପଟ୍ଟା ସମସ୍ୟା ଥିବାରୁ ଗରିବ ଶ୍ରେଣୀର ଲୋକେ ଆବାସ ଯୋଜନାରେ ସାମିଲ ହୋଇ ପାରୁନାହାନ୍ତି। ଉପଜିଲାପାଳ ଖୁବ୍‌ଶୀଘ୍ର ଗ୍ରାମମାନଙ୍କରେ ସ୍ଥାୟୀ ପଟ୍ଟା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଉପଜିଲାପାଳ ବିକାଶ କହିଥିଲେ ଯେ, ସରକାରଙ୍କ ସମସ୍ତ ଯୋଜନା ଗ୍ରାମବାସୀଙ୍କ ପାଖରେ ପହଞ୍ଚୁଛି। ଯେଉଁଠାରେ କିଛି ସମସ୍ୟା ରହୁଛି ସେମାନେ ପ୍ରଶାସନ ସହ ଯୋଗାଯୋଗ କରି ଏହାର ସମାଧାନ କରନ୍ତୁ। ବକ୍ତବ୍ୟ ରଖି କମିଶନର ପ୍ରଧାନ କହିଥିଲେ ଯେ, ସରକାର ସବୁ କ୍ଷେତ୍ରରେ ମହିଳାମାନଙ୍କୁ ଅଗ୍ରାଧିକାର ଦେଉଛନ୍ତି। ତେଣୁ ଗ୍ରାମର ଥିବା ସମସ୍ୟା ଉପରେ ସେମାନେ ସିଧାସଳଖ ଅଭିଯୋଗ କରନ୍ତୁ। ନିଜ ଘର ଓ ଗ୍ରାମକୁ ସଫାସୁତୁରା ରଖନ୍ତୁ, ମହାନଗର ନିଗମର ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସହଯୋଗ କରନ୍ତୁ ବୋଲି ଆହ୍ୱାନ କରିଥିଲେ ।

ସୂଚନାଯୋଗ୍ୟ ଆର୍ଥିକ ବର୍ଷ ୨୦୨୦-୨୧ରେ ହାଲିପାଲି ମଝିପଡାରେ ଏକବର୍ଷରେ ୩୦ରୁ ଅଧିକ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଥିଲା। ୨୭ ଜଣ ହିତାଧିକାରୀ ଧାର୍ଯ୍ୟ ସମୟରେ ଘର କାମ ସମ୍ପୂର୍ଣ୍ଣ କରିଥିଲେ। ପ୍ରତ୍ୟେକ ଘରର କାନ୍ଥରେ ବିଭିନ୍ନ ସମ୍ବଲପୁରୀ ଡିଜାଇନର (ସପ୍ତାପର) ଝଲକ କରାଯାଇଛି। ପାଇଖାନା, ଘର ସମ୍ମୁଖରେ ପିଏଚ୍‌ଡି ପାଣି ସୁବିଧା, ବିଜୁଳିର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଝୋଟି ପ୍ରତିଯୋଗିତା ହୋଇଥିଲା । ବିଜୟୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଧନୁପାଲି ଭାଜପା ମଣ୍ଡଳ ସଭାପତି ପ୍ରକାଶ ସାହୁ, ଅନୀଲ ବର୍ମା, ମାନସ ରଞ୍ଜନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରୀ)ରେ ୨ଲକ୍ଷ ବ୍ୟୟ ଅଟକଳ ରହିଥିବା ବେଳେ ରାଜ୍ୟ ସରକାରଙ୍କ ୫୦ ହଜାର ଓ କେନ୍ଦ୍ର ସରକାରଙ୍କ ୧ ଲକ୍ଷ ୫୦ ହଜାର ଟଙ୍କାର ଅନୁଦାନ ରହିଛି।

